## ୧୫୫ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

# ଗ୍ରାମାଞ୍ଚଳରେ ଅଧିକ ସ୍ଥାୟୀ ବ୍ୟାଙ୍କ୍ ଶାଖା ଖୋଲିବାକୁ ଗୁରୁତ୍ୱ




ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍: ରାଜ୍ୟର ଦୂରଦୂରାନ୍ତ ଏବଂ ପଛୁଆ ଅଞ୍ଚଳଗୁଡ଼ିକରେ ବ୍ୟାଙ୍କ ସେବାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ତଥା ରାଜ୍ୟର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଗଠନମୂଳକ ଭୂମିକାକୁ ନେଇ ୧୫୫ତମ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିଜର୍ଭ ବ୍ୟାଙ୍କ, ଏସ୍‌ଏଲ୍‌ବିସି (ଓଡ଼ିଶା), ନାବାର୍ଡ, ଏସ୍‌ବିଆଇ, ୟୁକୋ ବ୍ୟାଙ୍କ ଅଂଶଗ୍ରହଣ କରି ନିଜର ମତାମତ ରଖିଥିଲେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ବୈଠକକୁ ଉଦ୍‌ଘାଟନ କରି କହିଲେ ଯେ, ରିଜର୍ଭ ବ୍ୟାଙ୍କ, ଏସ୍‌ଏଲ୍‌ବିସି ଓଡ଼ିଶା ଏବଂ ଅନ୍ୟାନ୍ୟ ପ୍ରମୁଖ ବ୍ୟାଙ୍କଗୁଡ଼ିକ ବାତ୍ୟା ଫନି ସମୟରେ ପ୍ରତି ସ୍ଥାୟୀ ଶାଖା ଏବଂ ଏଟିଏମ୍‌କୁ କାର୍ଯ୍ୟକ୍ଷମ କରି ଜନସାଧାରଣ ନଗଦ ଟଙ୍କା ଉଠାଇବାରେ ସହଯୋଗ କରିଛନ୍ତି। କୃଷକମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା 'କାଳିଆ' ଯୋଜନାରେ ସେମାନଙ୍କ ଜମାଖାତାକୁ ସିଧାସଳଖ ଅର୍ଥ ହସ୍ତାନ୍ତର କରିବାରେ ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ନିଜର କର୍ତ୍ତବ୍ୟ ସୁଚାରୁରୂପେ ନିର୍ବାହ କରିଛନ୍ତି ।ମାଓବାଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଇଣ୍ଟରନେଟ୍ ସୁବିଧା ରହୁନଥିବାରୁ ବ୍ୟାଙ୍କ କାରବାର ବାଧାପ୍ରାପ୍ତ ହେଉଛି। ଏଥିନିମନ୍ତେ ଅର୍ଥ ବିଭାଗ ପ୍ରଥମ ପର୍ଯ୍ୟାୟରେ ୫୦ଟି ସୌର ଭିସାଟ୍ ସ୍ଥାପନା କରିବା ପାଇଁ ୨ କୋଟି ଟଙ୍କା ଓଡ଼ିଶା ଜୀବିକା ମିଶନକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି।୨୦୧୯-୨୦ ବର୍ଷ ପାଇଁ ବାର୍ଷିକ ଋଣ ଯୋଜନା ୭୧,୪୨୦ କୋଟି ଟଙ୍କାରେ ଧାର୍ଯ୍ୟ ହୋଇଥିବାବେଳେ ୩୧.୦୩.୨୦୧୯ ସୁଦ୍ଧା ୫୯୯୩୬.୩୪ କୋଟି ଟଙ୍କାର ଲକ୍ଷ୍ୟ ହାସଲ ହୋଇପାରିଛି, ଯାହାକି ଶତକଡ଼ା ୮୩.୯୨। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ୨୦୧୮-୧୯ ବର୍ଷ ପାଇଁ ୧୭୯୧୯ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୩୧.୦୩.୨୦୧୯ ସୁଦ୍ଧା ୨୫୯୧୧ କୋଟି ଟଙ୍କାର ଲକ୍ଷ୍ୟ ହାସଲ ହୋଇଛି। ଯାହାକି ଧାର୍ଯ୍ୟଲକ୍ଷ୍ୟର ଶତକଡ଼ା ୧୪୪.୬୦ ଭାଗ। କୃଷି ଓ ଶିକ୍ଷା କ୍ଷେତ୍ରରେ ବାର୍ଷିକ ଋଣ ଯୋଜନା କାର୍ଯ୍ୟକାରୀ କରିବାରେ ପ୍ରାଧାନ୍ୟ ଦେବାପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।ଅର୍ଥ ବିବାଗ, ଏସ୍‌ଏଲ୍‌ବିସି ଓଡ଼ିଶା ଏବଂ ପ୍ରମୁଖ ବ୍ୟାଙ୍କଗୁଡ଼ିକୁ ଡିଜିଟାଲ୍ ଟଙ୍କା ପୈଠ ସମ୍ପର୍କରେ କର୍ମଶାଳା ଆୟୋଜନ କରାଯାଇ ସଚେତନତା ସୃଷ୍ଟି କରିବା ସମ୍ପର୍କରେ ଅର୍ଥ ବିଭାଗ ପ୍ରମୁଖ ଶାସନସଚିବ ଅଶୋକ ମୀନା ଉଲ୍ଲେଖ କରିଥିଲେ।ଏହି ବୈଠକରେ ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା, କୃଷି ଏବଂ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏକେ ଗୋଏଲ, ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ମଲ୍ଲ, ନାବାର୍ଡର ଚିଫ୍ ଜେନେରାଲ ମ୍ୟାନେଜର ଶ୍ରୀ ଚନ୍ଦ୍ରଶେଖର, ଏସ୍‌ବିଆଇ ଚିଫ୍ ଜେନେରାଲ ମ୍ୟାନେଜର ପ୍ରବୀଣା କାଲା ଏବଂ ୟୁକୋ ବ୍ୟାଙ୍କର ଜେନେରାଲ ମ୍ୟାନେଜର ତଥା ଏସ୍‌ଏଲ୍‌ବିସିର ଆବାହକ ଉଜ୍ଜ୍ୱଲ୍ କୁମାରଙ୍କ ସମେତ ବିଭିନ୍ନ ବିବାଗର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ନିତିଦିନ NITIDIN Fri, Jul 12, 2019
http://odishanewsnitidin.com